# ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ
# "ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"

ଅଧିକ ପ୍ରାକୃତିକ ଜମି ଓ ଜଳ ସଂପଦ ଉପଯୋଗ ନକରି ସୀମିତ ସ୍ଥାନରେ ସଘନ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷରେ ବାୟୋଫ୍ଲକ ଏକ ଉନ୍ନତ ଜ୍ଞାନ କୌଶଳ ପଦ୍ଧତି ଅଟେ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ରାଜ୍ୟ ଯୋଜନା ବ୍ୟୟରେ ଆରମ୍ଭ କରିଛନ୍ତି **"ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"** ଯୋଜନା। ଏହି ପଦ୍ଧତିରେ ଗୋଲାକାର ବା ଆୟତାକାର କୁଣ୍ଡରେ ପ୍ରୋ-ବାୟୋଟିକ ପ୍ରୟୋଗ ଦ୍ୱାରା ଅବ୍ୟବହୃତ ଖାଦ୍ୟ ଓ ବର୍ଜ୍ୟବସ୍ତୁକୁ ପରିବର୍ତ୍ତିତ କରାଯାଇ ମାଛର ଖାଦ୍ୟ ରୂପେ ଉପଯୋଗ କରାଯାଏ। ସ୍ୱଚ୍ଛ ଜଳ ବିନିମୟ ଓ ନିରବଚ୍ଛିନ୍ନ ବାୟୁ ସଂଚାଳନ କରାଯାଉଥିବା ଯୋଗୁଁ ବାୟୋଫ୍ଲକ ପଦ୍ଧତିରେ ଅଧିକ ମାଛ / ଚିଙ୍ଗୁଡ଼ି ଉତ୍ପାଦନ ସମ୍ଭବ ହୁଏ। ଏହା ଏକ ପରିବେଶ ଅନୁକୂଳ ଚାଷ ପଦ୍ଧତି ଯାହାକି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସୀମିତ ସ୍ଥାନରେ ଚାଷ କରାଯାଇପାରୁଛି। ୪୦୦୦ ବର୍ଗମିଟର ପରିମିତ ପୋଖରୀରେ ଯେତିକି ମାଛ ଉତ୍ପାଦନ ସମ୍ଭବ, ସେତିକି ମାଛ ମାତ୍ର ୧୦୦ ରୁ ୧୫୦ ବର୍ଗମିଟର ଜମିରେ ୪ଟି ବାୟୋଫ୍ଲକ କୁଣ୍ଡରୁ ଉତ୍ପାଦନ ହୋଇପାରିବ।

**ବାୟୋଫ୍ଲକ ଯୋଜନାରେ ମିଳୁଥିବା ସହାୟତା (ପ୍ରତ୍ୟେକ କୁଣ୍ଡର ଆକାର - ୪ ମିଟର ବ୍ୟାସ ଓ ୧.୩ ମିଟର ଗଭୀର= ୧୫୦୦୦ ଲିଟର)**

| କ୍ରଂ ସଂ. | ମଡେଲ | ୟୁନିଟ୍ ମୂଲ୍ୟ (ଲକ୍ଷ ଟଙ୍କାରେ) | ରିହାତି (ଟଙ୍କାରେ) | |
|---|---|---|---|---|
| | | | ସାଧାରଣ ବର୍ଗ (୪୦%) | ଏସ୍.ସି./ଏସ୍ ଟି. ମହିଳା (୬୦%) |
| ପିଭିସି/ତାରପୋଲିନ/ପଲିଥିନ ନିର୍ମିତ | | | | |
| ୧ | ୨ ଟି କୁଣ୍ଡ ୩୦ ଘନ ମିଟର | ୧.୫୦ | ୬୦,୦୦୦/- | ୯୦,୦୦୦/- |
| ୨. | ୪ଟି କୁଣ୍ଡ ୬୦ ଘନ ମିଟର | ୩.୦୦ | ୧,୨୦,୦୦୦/- | ୧,୮୦,୦୦୦/- |
| ୩. | ୬ ଟି କୁଣ୍ଡ ୯୦ ଘନ ମିଟର | ୪.୦୦ | ୧,୬୦,୦୦୦/- | ୨,୪୦,୦୦୦/- |
| ଇଟା ଓ ସିମେଣ୍ଟ ନିର୍ମିତ | | | | |
| ୧. | ୨ଟି କୁଣ୍ଡ ୩୦ ଘନ ମିଟର | ୨.୦୦ | ୮୦,୦୦୦/- | ୧,୨୦,୦୦୦/- |
| ୨. | ୪ଟି କୁଣ୍ଡ ୬୦ ଘନ ମିଟର | ୪.୦୦ | ୧,୬୦,୦୦୦/- | ୨,୪୦,୦୦୦/- |
| ୩. | ୬ଟି କୁଣ୍ଡ ୯୦ ଘନ ମିଟର | ୬.୦୦ | ୨,୪୦,୦୦୦/- | ୩,୬୦,୦୦୦/- |





**ଏହି ସହାୟତା ପାଇବା ପାଇଁ ନିୟମାବଳୀ:**

୧. ଜଣେ ହିତାଧିକାରୀ ସର୍ବନିମ୍ନ ୨ଟି କୁଣ୍ଡ ଓ ସର୍ବାଧିକ ୬ଟି କୁଣ୍ଡ ନିମନ୍ତେ ସହାୟତା ପାଇପାରିବେ।

୨. ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଯୋଜନାରେ ଯଦି ହିତାଧିକାରୀ ପୂର୍ବରୁ ୬ଟି ବାୟୋଫ୍ଲକ କୁଣ୍ଡରୁ କମ୍ କୁଣ୍ଡରେ ବାୟୋଫ୍ଲକ ଚାଷ ନିମନ୍ତେ ସହାୟତା ପାଇଥିବେ, ତେବେ ଏହି ଯୋଜନାରେ ସାମିଲ ହୋଇ ମୋଟ ୬ଟି ବାୟୋଫ୍ଲକ କୁଣ୍ଡ ପର୍ଯ୍ୟନ୍ତ ସହାୟତା ପାଇପାରିବେ।

୩. ଆଗ୍ରହୀ ହିତାଧିକାରୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ ଉଭୟ ଅନଲାଇନ କିମ୍ବା ଅଫ ଲାଇନ୍‌ରେ କରିପାରିବେ।

୪. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ବାୟୋଫ୍ଲକ କୁଣ୍ଡ ସ୍ଥାପନକରି ମାଛଚାଷ ନିମନ୍ତେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ।

୫. ପ୍ରତ୍ୟେକ ହିତାଧିକାରୀ ବାୟୋଫ୍ଲକ ତାଲିମ ନେବା ପାଇଁ ନିଜ ସହିତ ଦୁଇଜଣଙ୍କ ନାମ ସୁପାରିଶ କରିବେ। ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ।

୬. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଅନୁଧ୍ୟାନ କରିବା ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତା କୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ।

## ନୂତନ ଜ୍ଞାନକୌଶଳରେ ମାଛଚାଷ, ଉତ୍ପାଦନ ହେବ ଦ୍ୱିଗୁଣିତ

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**